## ମନ୍ଦିର ପରିସରରୁ ଚନ୍ଦନ ଗଛ ଚୋରି

ବାସୁଦେବପୁର, (ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆର୍ଡ଼ି ପଞ୍ଚାୟତରେ ଥିବା ଶଙ୍ଖେଶ୍ୱର ମନ୍ଦିର ପରିସରରୁ ଏକ ଚନ୍ଦନ ଗଛକୁ କେହି ଦୁର୍ବୃତ୍ତ ରବିବାର ରାତିରେ କାଟି ଚୋରି କରିନେଇଛନ୍ତି। ଚନ୍ଦନ ଗଛ ଚୋରି ସମ୍ପର୍କରେ ସୋମବାର ସକାଳେ ଜଣାପଡ଼ିବା ପରେ ମନ୍ଦିର ପରିସରରେ ଲୋକଙ୍କ ଭିଡ଼ ଜମିଥିଲା। ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଜୁଆ ଖେଳି ୩ ଗିରଫ

କୁଳିଅଣା,୨୩।୧(ଡି.ଏନ.ଏ)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ପୋଲିସ ଜୁଆ ଖେଳ ଚାଲିଥିବା ବେଳେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କାଠଶୀର୍ଷ ଗ୍ରାମର ରମେଶ ହାଁସଦା, ଯଦୁ ମୁର୍ମୁ ଓ ବାଙ୍ଗିରିପୋଷି ଥାନା ଜଗନ୍ନାଥଖୁଣ୍ଟା ଗ୍ରାମର ଭରତ କୁମାର ବାସ୍କେ। ଖୁକୁଣ୍ଡିଆଠାରେ ଫୁଟବଲ ଖେଳ ଚାଲିଥିବା ସମୟରେ ରବିବାର ବେଆଇନ ଜୁଆଖେଳ ହେଉଥିଲା। ଖବରପାଇ ପୋଲିସ ଚଢ଼ାଉ କରି ଜୁଆପାଲି ସମେତ ନଗଦ ୧୧,୯୫୦ଟଙ୍କା ଜବତ କରିଛି। ଏହି ଘଟଣାରେ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଏନେଇ ମାମଲା(ନଂ.୧୦/୨୩) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଉମାକାନ୍ତ ନାଏକ କହିଛନ୍ତି।

### ଜନବସତିରୁ ଅଜଗର ଉଦ୍ଧାର

ଯୋଡ଼ା,୨୩।୧(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ସହରର ଶାସ୍ତ୍ରୀ ନଗରଠାରେ ସୋମବାର ଏକ ଅଜଗର ସାପ ଉଦ୍ଧାର ହୋଇଛି। ସାପଟିକୁ ସେଣ୍ଟ୍ରାଲ ହସ୍ପିଟାଲ ପଛ ପାର୍ଶ୍ୱର ଲୋକେ ଧରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ତେବେ ଅଜଗର ମିଳିଥିବା ସ୍ଥାନରେ ଆଉ ଅଜଗର ଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ଆତଙ୍କିତ ଅଛନ୍ତି। ବନ ବିଭାଗ, ସ୍ନେକ ରେସ୍କ୍ୟୁ ଟିମ୍ ଏହାର ଅନୁସନ୍ଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି। ଏ ନେଇ ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ ଏ ବିଷୟରେ ଦୃଷ୍ଟି ଦିଆଯିବ ବୋଲି ବୋଲି କହିଥିଲେ।

### ଖେଳକୁଦ ପ୍ରତିଯୋଗିତା

ଠାକୁରମୁଣ୍ଡା,୨୩।୧(ଡି.ଏନ.ଏ.)- ଠାକୁରମୁଣ୍ଡା ବ୍ଲକ ପଡ଼ିଆବେଡ଼ା ପଞ୍ଚାୟତ ଅନ୍ତର୍ଗତ ଚତୁରିସାହି ଗ୍ରାମ ଦେଉଳି ସାହିଠାରେ ବାବା ତିଳକା ମାଝି ମେମୋରିଆଲ କ୍ଲବ ଅନୁକୂଳ୍ୟରେ ୩୨ତମ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ବ୍ୟାପି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଠାକୁରମୁଣ୍ଡା ବ୍ଲକ ତଥା ସୀମାନ୍ତ କେନ୍ଦୁଝର ଜିଲା ଅଧୀନ ପାଟଣା ବ୍ଲକର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ ଦିବସରେ ବୁଢ଼ୀଗାଳି ନୃତ୍ୟ ଓ ଦ୍ୱିତୀୟ ଦିବସରେ ଡାଣ୍ଡା ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାଗୀରଥି ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ କରଞ୍ଜିଆର ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ଜିଲା ପରିଷଦ ସଭ୍ୟା ଚମ୍ପାବତୀ ଟୁଡୁ, ଅଞ୍ଜନ ମହାନ୍ତ ଓ ପ୍ରମୋଦ ମହାନ୍ତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଚିତ୍ରାଙ୍କନ,ବକ୍ତୃତା ପ୍ରତିଯୋଗିତା

ବୈଶିଙ୍ଗା,୨୩।୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଇକମାରୁ ବୈଦପୁର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ନିମ୍ବ, ବର ଓ ଅଶ୍ୱତ୍ଥ ଚାରାରୋପଣ କରାଯାଇଥିବା ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ସୂତ୍ରରୁ ପ୍ରକାଶ। ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ ଜେନା, ଅବସରପ୍ରାପ୍ତ ଶିକ୍ଷାବିତ ରାଜକିଶୋର ଦାସ ଓ ନିରଞ୍ଜନ ବାରିକ, ରୂପା ମହାନ୍ତି, ସରସ୍ୱତୀ ଜେନା, ସୁକାନ୍ତୀ ବିଶ୍ୱାଳ, ପ୍ରତିମା ପରିଡ଼ା, ନୀଳାକ୍ଷି ଦାସ, ସୁବାସିନୀ ପରିଡ଼ା, ଦୀପାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର କର୍ମଚାରୀ ବିରେଶ ମହାନ୍ତ ଓ ମାଳତୀ ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନେତାଜୀ ଜୟନ୍ତୀ

ଚାନ୍ଦବାଲି, ୨୩।୧(ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନେତାଜୀ ବିହାର ଚମାଖଣ୍ଡଠାରେ ଆଜାଦ୍ ହିନ୍ଦ୍ ଫୌଜ ମତୋ ସମାଜସେବୀ ସଙ୍ଗଠନ ପକ୍ଷରୁ ସୋମବାର ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କମଳାକାନ୍ତ ମହାନ୍ତି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ନେତାଜୀଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନ ସଭାପତି ପୁରୁଷୋତ୍ତମ ନାୟକ, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ସୁବାସ ଚନ୍ଦ୍ର ବଳ, ଚିନ୍ତାମଣି ରାଉତ, ଅଜୟ ମହାଲିକ, ଲକ୍ଷ୍ମୀଧର ପାଣିଗ୍ରାହୀ, ଭଗବାନ ଦାସ, ସୁବାସ ଦାସ, ବିଭୂତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସଜେଇ ହେଲାଣି ସରମରା



ନିର୍ମାଣାଧୀନ ତୋରଣ।

**ଭଦ୍ରକ ଅଫିସ, ୨୩।୧:**

ସରସ୍ୱତୀ ପୂଜା ପାଇଁ ଭଦ୍ରକ ଜିଲାରେ ପ୍ରସିଦ୍ଧିଲାଭ କରିଥିବା ବନ୍ତ ବ୍ଲକର ସରମରା ଗାଁ ସଜେଇ ହେଲାଣି। କୋଭିଡ୍ ଯୋଗୁ ଦୁଇବର୍ଷର କଟକଣା ପରେ ଏଥର ପୂଜାକୁ ନେଇ ଗାଁରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଗାଁର ୪ ମଣ୍ଡପରେ ମା' ବିଦ୍ୟାଦାତ୍ରୀ ପୂଜା ପାଇବେ। ଉକ୍ତ ଗ୍ରାମରେ ପୂର୍ବରୁ ଗୋଟିଏ ସ୍ଥାନରେ ମିଳିତ ଭାବେ ପୂଜା ଅନୁଷ୍ଠିତ ହୋଇଆସୁଥିବା ବେଳେ ୧୯୮୯ରୁ ପୃଥକ୍ ଭାବେ ପୂଜା କରାଯାଉଛି। ଗ୍ରାମର ଉତ୍ତର ଦିଗରେ ୟୁନାଇଟେଡ କ୍ଲବ, ଦକ୍ଷିଣରେ ଜୟକିଷାନ, ଗାଁ ମଝିରେ

**୪ ମଣ୍ଡପରେ ପୂଜା ପାଇବେ ମା' ସରସ୍ୱତୀ**

ସରସ୍ୱତୀ ୟୁଥ୍ ଓ ଆସମିଶ କ୍ଲବ ପକ୍ଷରୁ ପୂଜା ଅନୁଷ୍ଠିତ ହେବ। ଆସନ୍ତା ଗୁରୁବାରଠାରୁ ପୂଜା ଆରମ୍ଭ ହେଉଥିବା ବେଳେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱମୂର୍ତ୍ତି ଓ ସୁଉଚ୍ଚ ତୋରଣ ନିର୍ମାଣ ଚାଲିଛି। ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ୟବସାୟୀମାନେ ମଧ୍ୟ ପସରା ମେଲିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୭ ଦିନ ଧରି ପୂଜା ଚାଲିବ। ପ୍ରତ୍ୟହ ସନ୍ଧ୍ୟାରେ ମେଲୋଡ଼ି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ୟୁନାଇଟେଡ୍ କ୍ଲବ ପକ୍ଷରୁ ଛବୀନ୍ଦ୍ର ବିଶ୍ୱାଳ, ରଙ୍ଗାଧର ନାୟକ, ଜୟ କିଷାନ ପକ୍ଷରୁ ବିଶ୍ୱନାଥ ଜେନା, ଦେବାନନ୍ଦ ମହାପାତ୍ର ପ୍ରମୁଖ ଦାୟିତ୍ୱ ନେଇଛନ୍ତି। ସେହିପରି ଆସମିଶ କ୍ଲବ ପକ୍ଷରୁ ପ୍ରଶାନ୍ତ ଦାସ, ପ୍ରିୟବ୍ରତ ଦାସ, ସରସ୍ୱତୀ ୟୁଥ୍ କ୍ଲବର ସୁଧାକର ବିଶ୍ୱାଳ ଓ ବିଷ୍ଣୁମୋହନ ବିଶ୍ୱାଳ ପୂଜା ଦାୟିତ୍ୱ ନେଇଛନ୍ତି।

ଏହି ପୂଜାରେ ପ୍ରତ୍ୟେକ ସନ୍ଧ୍ୟାରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାରୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥାଏ। ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଶାନ୍ତିଶୃଙ୍ଖଳା ପ୍ରତି ଧ୍ୟାନ ରଖିଥାନ୍ତି। ଯୁବକମାନଙ୍କ ମଧ୍ୟରେ ଭାଇଚାରାର ସମ୍ପର୍କ ସୃଷ୍ଟି ହୋଇଥାଏ। ଏଥର ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ତ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

## ତାଲିମ ନେଲେ ୫୦ ୱାର୍ଡ ମେମ୍ବର



ତାଲିମ ଶିବିରରେ ଯୋଗ ଦେଇଥିବା ୱାର୍ଡସଭ୍ୟ।

**ବାଲିଆପାଳ,୨୩।୧(ସ୍ୱ.ପ୍ର):**

ରାଜ୍ୟ ପଞ୍ଚାୟତିରାଜ ବିଭାଗ ଦ୍ୱାରା ପାରୁଲିଆ ଆର୍ମ ସଂଗଠନ ସଭାଗୃହ ପରିସରରେ ବାଲେଶ୍ୱର ଜିଲା ବସ୍ତା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱର୍ଣ୍ଣ ଆନୁକୁଲ୍ୟରେ ରବିବାର ବାଲିଆପାଳ ବ୍ଲକର ୱାର୍ଡ ମେମ୍ବରମାନଙ୍କର ପ୍ରଥମ ପର୍ଯ୍ୟାୟର ୩ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବାଲିଆପାଳ, ବିଷ୍ଣୁପୁର, ଅସ୍ତ୍ରୀ ପଞ୍ଚାୟତର ୫୦ ୱାର୍ଡସଦସ୍ୟାସଦସ୍ୟଙ୍କୁ ତାଲିମ ଦିଆଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ ପଞ୍ଚାୟତରୁ ୫୦ଜଣ ୱାର୍ଡ ସଦସ୍ୟାସଦସ୍ୟଙ୍କୁ ଆସନ୍ତା ୨୭ରୁ ତାଲିମ ଦିଆଯିବ। ଉକ୍ତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଆର୍ମ ସଙ୍ଗଠନର ସଂଯୋଜକ ରାଜେନ୍ଦ୍ର ରଣା, ସମ୍ମାନିତ ଅତିଥି ଭାବେ ଖବରଦାତା ତଥା ସାମାଜିକ କର୍ମୀ ଦିଲ୍ଲୀପ ଦାସ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଭାବରେ ଏସ୍‌ଆଇଆର୍‌ଡିର ସ୍ୱିକୃତୀପ୍ରାପ୍ତ ପ୍ରଶିକ୍ଷକ ପ୍ରଶାନ୍ତ ମହାପାତ୍ର ଓ ଜୟପ୍ରକାଶ ଦାସ ୱାର୍ଡମେମ୍ବରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟ୍ରାଫିକ ସମସ୍ୟା



ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ଗାଡ଼ି ଅଟକି ରହିଛି।

**କେନ୍ଦୁଝର,୨୩।୧(ସ୍ୱ.ପ୍ର.) :**

କେନ୍ଦୁଝର ସହରରେ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ପ୍ରତ୍ୟେକ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଗାଡ଼ି ଅଟକି ରହୁଛି। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଛିଡ଼ା ହେବାକୁ ପଡୁଛି। ଏହି ସମୟରେ ବାହାରୁ କୌଣସି ଗାଡ଼ି ଆସିଲେ ମଧ୍ୟ ଭିତରକୁ ଆସି ନ ପାରି ରାସ୍ତାରେ ଛିଡ଼ା ହୋଇ ଅପେକ୍ଷା କରି ରହୁଛନ୍ତି। ଜିଲାପାଳଙ୍କ ମୁଖ୍ୟ ଫାଟକ ଅଣଓସାରିଆ ହୋଇଥିବାରୁ ଏକ ସଙ୍ଗରେ ଗାଡ଼ି ଯିବା ଆସିବା କରିପାରୁନାହିଁ। ଫଳରେ ଟ୍ରାଫିକ୍ ସମସ୍ୟା ବଢ଼ିଥାଏ। ଏନେଇ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା ଜଲାଲଉଦ୍ଦିନ ଆକବର କହିଛନ୍ତି। କାର୍ଯ୍ୟାଳୟ ଫାଟକ ନିକଟରେ ବାହାରକୁ ଯିବା ପାଇଁ ସିଗନାଲ ଅପେକ୍ଷାରେ ଗାଡ଼ି ଅଟକି ରହେ। ଫଳରେ ବାହାର ଗାଡ଼ି କାର୍ଯ୍ୟାଳୟ ଭିତରକୁ ନ ଆସିପାରି ଟ୍ରାଫିକ୍ ଯାମ ହେଉଛି ବୋଲି ପ୍ରକାଶ ସୂତ୍ରଧର କହିଛନ୍ତି।

## ଟାଟା ଷ୍ଟିଲର ଲୌହ, ମାଙ୍ଗାନିଜ ଖଣିକୁ ୧୨ ପୁରସ୍କାର




କମ୍ପାନୀ କର୍ତ୍ତୃପକ୍ଷ ମୁଖ୍ୟଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଯୋଡ଼ା,୨୩।୧(ଡି.ଏନ୍.ଏ):**

କେନ୍ଦୁଝର ଜିଲା ଯୋଡ଼ାରେ ଥିବା ଟାଟା ଷ୍ଟିଲର ଲୌହ ଓ ମାଙ୍ଗାନିଜ ଖଣି ୧୨ଟି ପୁରସ୍କାର ପାଇଛି। ଭୁବନେଶ୍ୱରଠାରେ ଅୟୋଜିତ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ) ତତ୍ତ୍ୱାବଧାନରେ ଆୟୋଜିତ ୨୪ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମ୍‌ଇଏମ୍‌ସି) ସପ୍ତାହ ୨୦୨୨-୨୩ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ବିଭିନ୍ନ ଖଣିର ଅଧିକାରୀମାନେ, ମୁଖ୍ୟ ଅତିଥି ଆଇବିଏମ୍ ଚିଫ୍ କଣ୍ଟ୍ରୋଲର ଅଫ୍ ମାଇନ୍ସ ପଙ୍କଜ କୁଲଶ୍ରେଷ୍ଠଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

ଟାଟା ଷ୍ଟିଲର ଯୋଡ଼ା ପୂର୍ବ ଲୌହ ଖଣିକୁ ଖଣିଜ ସଂରକ୍ଷଣ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏହାବ୍ୟତୀତ ଖଣିକୁ ବିଭାଗ-୧ ଅନ୍ତର୍ଗତ ସାମଗ୍ରିକ ପ୍ରଦର୍ଶନ ପାଇଁ ଦ୍ୱିତୀୟ ଓ ଦୀର୍ଘସ୍ଥାୟୀ ବିକାଶ ପାଇଁ ତୃତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ସେହିପରି, ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିକୁ ଖଣିଜ ସଂରକ୍ଷଣରେ ଦ୍ୱିତୀୟ ଓ ଖଣିଜ ବେନିଫିସିଏସନରେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହାବ୍ୟତୀତ ଟାଟା ଷ୍ଟିଲର କାଟାମାଟି ଲୌହ ଖଣି ପରିବେଶୀୟ ନିରୀକ୍ଷଣରେ ଦ୍ୱିତୀୟ ପୁରସ୍କାର ହାସଲ କରିଛି। ବିଭାଗ-୪ରେ ଯୋଡ଼ା ପଶ୍ଚିମ ମାଙ୍ଗାନିଜ ଖଣି ବନୀକରଣ ପାଇଁ ପ୍ରଥମ, ସାମଗ୍ରିକ ପ୍ରଦର୍ଶନ ନିମନ୍ତେ ପ୍ରଥମ, ପୁନଃରୋପଣ ଓ ଥଇଥାନ ପାଇଁ ଦ୍ୱିତୀୟ ଏବଂ ପ୍ରଚାର ପ୍ରସାର ପାଇଁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବାମେବାରୀ ଖଣିକୁ ଡମ୍ପ ରିକ୍ଲେମେସନ ଏବଂ ତିରିଙ୍ଗପାହା ଖଣିକୁ ଖଣିଜ ବେନିଫିସିଏସନ ପାଇଁ ପ୍ରଥମ ପୁରସ୍କାର ଦିଆଯାଇଛି। ବ୍ୟକ୍ତିଗତ ବିଭାଗରେ ଅଭିଷେକ ପଣ୍ଡା, ସିନିଅର ମ୍ୟାନେଜର (ମାଇନିଂ), ଖଣ୍ଡବନ୍ଧ ଖଣି, 'ପର୍ଯ୍ୟାବରଣ ବନ୍ଧୁ' ପୁରସ୍କାର ଲାଭ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଆଇବିଏମ୍ ଯୋଡ଼ା ପୂର୍ବ ଜୋନର କଣ୍ଟ୍ରୋଲର ଅଫ୍ ମାଇନ୍ସ ୱାଇଜି କାଲେ, ପୂର୍ବାଞ୍ଚଳ ଜୋନ ମାଇନିଂ ଆସୋସିଏସନ ସଭାପତି ଆରଏଲ ମହାନ୍ତି, ଭୁବନେଶ୍ୱର କ୍ଷେତ୍ରର ଆଞ୍ଚଳିକ ଖଣି ନିୟନ୍ତ୍ରକ ବିଏଲ ଗୁଜର, ଟାଟା ଷ୍ଟିଲ ଯୋଡ଼ା ପୂର୍ବ ଲୌହ ଖଣି ମୁଖ୍ୟ ସରୋଜ ବାନାର୍ଜୀ, କାଟାମାଟି ଲୌହ ଖଣି ଚିଫ୍ ଶିରିସ ଶେଖର, ଖଣ୍ଡବନ୍ଧ ଲୌହ ଖଣି ଚିଫ୍ ଜିଭି ସତ୍ୟନାରାୟଣ, ସମସ୍ତ ଖଣିର ଅପରେସନ୍ସ ବିଭାଗ କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ରାଜ୍ୟର ବିଭିନ୍ନ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ତ୍ରିବେଣୀ ମେଳାରେ ଗଣ୍ଡଗୋଳ, ୪ ଆହତ

**ଭଣ୍ଡାରିପୋଖରୀ,୨୩।୧(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ତେସିଗାଁ ପଞ୍ଚାୟତ ବଡ଼ବନସ୍ତା ତ୍ରିବେଣୀ ମେଳାରେ ଗଣ୍ଡଗୋଳ ଘଟିଛି। ମେଳାରେ ଯାତ୍ରା ଓ ମେଲୋଡ଼ି ଆୟୋଜନକୁ ନେଇ ଆୟୋଜକଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇଥିଲା। କଥା କଟାକଟିରୁ ଏହା ଗଣ୍ଡଗୋଳ ରୂପ ନେଇଥିଲା। ଆକ୍ରମଣ ଓ ପ୍ରତି ଆକ୍ରମଣରେ ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଡାକ୍ତରଖାନା ପଠାଯାଇଛି। ଗଣ୍ଡଗୋଳ ନେଇ ଦୁଇଗୋଷ୍ଠୀ ପକ୍ଷରୁ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ସମ୍ଭାଗସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ବଡ଼ବିଲ,୨୩।୧(ସ୍ୱ.ପ୍ର.):**

କେନ୍ଦୁଝର ଜିଲା ବଡ଼ବିଲଠାରେ ଚାଲିଥିବା ସମ୍ଭାଗସ୍ତରୀୟ ଦୁଇ ଦିନିଆ ଖେଳକୁଦ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିକାଶ ସମିତି ଆନୁକୂଲ୍ୟରେ କେନ୍ଦୁଝର ଜିଲା ବଡ଼ବିଲଠାରେ ଅନୁଷ୍ଠିତ ଖେଳକୁଦ ପ୍ରତିଯୋଗିତାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ସରସ୍ୱତୀ ଶିଶୁମନ୍ଦିରର ୧୨ ସଂକୁଳରୁ ମୋଟ ୨୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଦୌଡ଼, ଲମ୍ଫ ଡିଆଁ ଏବଂ ଉଚ୍ଚ ଡିଆଁରେ ଅଂଶ ଗ୍ରହଣ କରି ବରିଷ୍ଠ ବିଭାଗର ବାଳିକା ଓ ବାଳକ ବର୍ଗରେ ଯଥାକ୍ରମେ ଲକ୍ଷ୍ମୀପ୍ରିୟା ଗିରି ଓ ଦଶରଥ ସୋରେନ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିପରି କନିଷ୍ଠ ବିଭାଗର ବାଳିକା ଏବଂ କନିଷ୍ଠ ବର୍ଗରେ ଦିପ୍ତିମୟୀ ମାଝୀ ଓ ସୂର୍ଯ୍ୟ ହେମ୍ବ୍ରମ ପ୍ରଥମ ସ୍ଥାନ ହାସଲ କରି ଚାମ୍ପିୟନ ହୋଇଥିବା ଜଣାପଡ଼ିଛି। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଚାମ୍ପିୟନ ଓ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଖେଳାଳୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଧାରଣାସ୍ଥଳରେ ନେତାଜୀ ଜୟନ୍ତୀ ପାଳିଲେ ଖବରଦାତା



ଧାରଣାରେ ବସିଥିବା ଖବରଦାତାମାନେ।

**ଉଦଳା,୨୩।୧(ଡି.ଏନ.ଏ.):**

**■ ଉପ ଜିଲାପାଳଙ୍କ ବଦଳି ନ ହେଲେ ଜୋରଦାର ହେବ ଆନ୍ଦୋଳନ**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଉପଜିଲାପାଳ ଭଗବାନ ବେହେରାଙ୍କ ବଦଳି ଦାବିରେ ଧାରଣା ଚଳାଇଥିବା ଖବରଦାତାମାନେ ଧାରଣାସ୍ଥଳରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରିଛନ୍ତି। ସୋମବାର କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାରର ସଦସ୍ୟମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ନାଗରିକ ଲକ୍ଷ୍ମୀଧର ପୋଥାଲଙ୍କ ସମେତ ଆଇନଜୀବୀ ରବିନ କୁମାର ପଟ୍ଟନାୟକ ଏବଂ କପ୍ତିପଦା, ଉଦଳା, ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଅଧୀନରେ କାର୍ଯ୍ୟରତ ଖବରଦାତାମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଉପଜିଲାପାଳ ବେହେରାଙ୍କୁ ତରନ୍ତ ବଦଳି ନ କଲେ ତଥା ଆସନ୍ତା ସାଧାରଣତନ୍ତ୍ର ଦିବସରେ ସେ ଯଦି ଜାତୀୟ ପତାକା ଉତ୍ତୋଳନ କରନ୍ତି ତେବେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଧାରଣାରତ ଖବରଦାତାମାନେ ଚେତାବନୀ ଦେଇଛନ୍ତି।

## ବେଲି ଗୋଷ୍ଠୀ ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ବସ୍ତା, ୨୩।୧(ଡି.ଏନ.ଏ.):**

ସିଂଲା ଥାନା ରଘୁନାଥପୁର ପଞ୍ଚାୟତର ମଧୁପୁରାଠାରେ ମଧୁସୂଦନ ସାଂସ୍କୃତିକ ପରିଷଦ ପରିସରରେ ନେତାଜୀ ଜୟନ୍ତୀ ଅବସରରେ ସୋମବାର ବେଲି ଗୋଷ୍ଠୀ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସରପଞ୍ଚ ଅନନ୍ତ କୁମାର ବାରିକ ଓ ପ୍ରାକ୍ତନ ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ଘୋଷ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆବାହକ ବିଶ୍ୱଜିତ ଦାସ କେନ୍ଦ୍ରର ଅନୁମୋଦନଠାରୁ ଏ ପର୍ଯ୍ୟନ୍ତ ଅଗ୍ରଗତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଗୋଷ୍ଠୀ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ସସ୍ମିତା ଜେନା କେନ୍ଦ୍ରର ଆଭିମୁଖ୍ୟ ଏବଂ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଲକ୍ଷ୍ମୀଧର ଜେନା ସହଯୋଗ କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିନ ବିହାରୀ ବିଶ୍ୱାଳ, ସୁଭାଷ ଚନ୍ଦ୍ର ଘୋଷ, ଶ୍ୟାମସୁନ୍ଦର ଜେନା, ହରେନ୍ଦ୍ର ଦାସ, ସୁବ୍ରତ କୁମାର ଘୋଷ, ବଳରାମ କାମିଲା, କାର୍ତ୍ତିକ ଦାସ, ମହେଶ୍ୱର ଦାସ, ହେମନ୍ତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜମି ଦାନ କରିଥିବା ଦିବଙ୍ଗତ ସୂର୍ଯ୍ୟ କୁମାର ଘୋଷଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

## ପ୍ରଦୀପ ସ୍ମାରକୀ କ୍ରିକେଟ: ସେଣ୍ଟ୍ରାଲ ଏଜି ଦିଲ୍ଲୀ ବିଜୟୀ



ସେଣ୍ଟ୍ରାଲ ଏଜି ଟିମ୍‌ର ଜେ.ସୂଚିତ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ବନ୍ତ,୨୩।୧(ଡି.ଏନ୍.ଏ.):**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋସ୍ଥିତ ହନୁମାନଜୀଉ ମିନି ଷ୍ଟାଡିୟମଠାରେ ଚାଲିଥିବା ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ୨ୟ ଲିଗ୍ ମ୍ୟାଚ୍ ସୋମବାର ୟୁନିୟନ ସ୍ପୋର୍ଟିଂ କଟକ ଓ ସେଣ୍ଟ୍ରାଲ ଏଜି ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତି ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୮ ରନ୍ କରିଥିଲା। ଜବାବରେ ସେଣ୍ଟ୍ରାଲ ଏଜି ୧୮.୪ ଓଭରରେ ୭ ଉଇକେଟ ହରାଇ ୧୧୦ ରନ୍ କରି ବିଜୟୀ ହୋଇଛି। ସେଣ୍ଟ୍ରାଲ ଏଜିର ଜେ.ସୂଚିତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ସଭାରେ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଅବସରପ୍ରାପ୍ତ ଶିକ୍ଷକ ମନମୋହନ ସାହୁ, ପୂର୍ବତନ ସରପଞ୍ଚ ନୀହାରିକା ରାଉତ, ଉପଦେଷ୍ଟା କମିଟି ସଭ୍ୟ ସୁଧାକର ଧଳ ଓ ସମିତିସଭ୍ୟ ପରମେଶ୍ୱର ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ଅମ୍ପାୟର ଭାବେ ସାର୍ଥକ ବିଶ୍ୱାଳ, ଶାନ୍ତନୁ କୁମାର, ସ୍କୋରର ଜ୍ଞାନ ଘଡ଼େଇ, ହରିଶ ମୁଖୀ, ଭାଷ୍ୟକାର ଭାବେ ସଞ୍ଜୟ ମଜୁମଦାର, ପବିତ୍ର ନାୟକ ଓ ଆଜାରୁଦ୍ଦିନ୍ ଦାୟିତ୍ୱ ତୁଲାଇଥିଲେ। ଟିଲୋ ଆଥ୍ଲେଟିକ ଆସୋସିଏଶନର ଉପସଭାପତି ଅସିତ କର, ସମ୍ପାଦକ ଅମରଜିତ ସ୍ୱାଇଁଙ୍କ ସମେତ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଜେଟି ଅଞ୍ଚଳର ସାମଗ୍ରିକ ବିକାଶ ହେବ

**ରୂପସା, ୨୩।୧(ଡି.ଏନ.ଏ.):**



ଉଦ୍‌ଯାପନୀ ଉତ୍ସବରେ ବିଧାୟକଙ୍କ ସହ ମଞ୍ଚାସୀନ ଅତିଥି।

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ୮ ଦିନ ବ୍ୟାପୀ ଅନୁଷ୍ଠିତ ଗଙ୍ଗାମାତା ଓ ଶୀତଳା ମାତାଙ୍କ ବାର୍ଷିକ ପୂଜୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସଂଘ ସଭାପତି ବିକାଶ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ବାହାବଳପୁର ଜେଟି ଅଞ୍ଚଳର ସାମଗ୍ରିକ ବିକାଶ ହେବ ଏବଂ ସମସ୍ତ ମତ୍ସ୍ୟଜୀବୀ, ମତ୍ସ୍ୟ ବ୍ୟବସାୟୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଘଟିବ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ପ୍ରେସକ୍ଲବ ସଭାପତି ବାଞ୍ଛାନିଧି ଦେ, ପ୍ରାକ୍ତନ ସରପଞ୍ଚ ଗୟାପ୍ରସାଦ ଦାସ, ସରପଞ୍ଚ ରାମ ନାରାୟଣ ଦିବେଦୀ, ସମିତିସଭ୍ୟ ଗଣେଶ ଚନ୍ଦ୍ର ଜେନା, ଓଆଇସି ସଚ୍ଚିଦାନନ୍ଦ ଗିରି, ଶିକ୍ଷାବିତ୍ ବିଜୟାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ଜୟଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ସମ୍ପାଦକ ଗୋରାଚାନ୍ଦ ଜେନା ବାର୍ଷିକ ବିବରଣୀ ଓ ସ୍ମାରକପତ୍ର ପାଠ କରିଥିଲେ। ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି

**ଗଙ୍ଗାମାତା ପୂଜୋତ୍ସବ ଉଦ୍‌ଯାପିତ**

ସମ୍ବଳିତ ଏକ ସ୍ମାରକପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ଯୁଗ୍ମ ସମ୍ପାଦକ ତଥା ସରପଞ୍ଚ ପ୍ରବୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି କାହ୍ନୁଚରଣ ବେରା ଓ ସୁକୁମାର ପାତ୍ର, ସହସମ୍ପାଦକ ହେମନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ଗୌରାଙ୍ଗ ମଣ୍ଡଳ ଓ ଅଶୋକ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ବାଲେଶ୍ୱରର ବଡି ବିଲଡର ଏସ୍.କେ. ଆହେସନ ଅଙ୍ଗ ପ୍ରଦର୍ଶନ କରିଥିଲେ। ପ୍ରତି ସନ୍ଧ୍ୟାରେ ନାଚ, ଗୀତ, ମେଲୋଡ଼ି କାର୍ଯ୍ୟକ୍ରମ ସହ ଯାତ୍ରା ପରିବେଷଣ ହୋଇଥିଲା।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

ମୋରଡ଼ା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମାକୁନ୍ଦ ନିକଟରେ ଏକ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହେବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବେତନଟୀ ଥାନା ଅଧୀନ ସଂଶା ଅଞ୍ଚଳର ରାଜାରାମ ମହାନ୍ତ (୨୫)। ଏକ ନୂତନ ବାଇକ୍‌ରେ ସେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



## ସଂକ୍ଷେପରେ

### ପାଟଣା ଦେଇ ରେଳପଥ ସଂଯୋଗ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ

ପାଟଣା,୨୩।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଆନନ୍ଦେଶ୍ୱର ମନ୍ଦିର ସନ୍ନିକଟ କଲ୍ୟାଣ ମଣ୍ଡପରେ ଶନିବାର ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ପାଟଣା ବୁଦ୍ଧିଜୀବୀଙ୍କ ପକ୍ଷରୁ ଅଜୟ ଦାଶ, ଯୁଗଳ କିଶୋର ଦାଶ, ଶିକ୍ଷକନେତା ଅରୁଣ ମିଶ୍ର, ସନାତନ ଦାଶ, ଖବରଦାତା ବୀରକିଶୋର ଦାଶ, ନୃସିଂହନାଥ ସିଂ, ସାମାଜିକ କର୍ମୀ ଯୁଗଳକିଶୋର ଦାଶ, ନାରାୟଣ ବାରିକ, ପ୍ରତାପ ମହାକୁଡ଼, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ପାଟଣା ଦେଇ ନୂତନ ରେଳପଥ ସଂଯୋଗୀକରଣ, ବୈତରଣୀ ନଦୀ ନୂଆପଡ଼ାରେ ବ୍ୟାରେଜ ସହ ତୃଣମୂଳ ସମସ୍ୟା ନେଇ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରିବା ସହ ସମାସ୍ୟାର ସମାଧାନ ପାଇଁ ପ୍ରସ୍ତାବ ରଖିଥିଲେ। କେନ୍ଦ୍ରମନ୍ତ୍ରୀ ନିଜ ଉତ୍ତରରେ ପାଟଣା ଦେଇ ନୂତନ ରେଳପଥ ସଂଯୋଗ କରିବାକୁ କେନ୍ଦ୍ର ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଟଙ୍କା, ମୋବାଇଲ ଚୋରି ଅଭିଯୋଗ

ଯୋଡ଼ା,୨୩।୧(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା କାରଣ ସାହିଠାରେ ଶ୍ରମିକମାନେ ରହୁଥିବା ଏକ ଘରୁ ଟଙ୍କା ଓ ମୋବାଇଲ ଚୋରି ଅଭିଯୋଗ ହୋଇଛି। ବିଲେଇପଦା ଫାଣ୍ଡି ଅଧିକାରୀ ସୁରେଶ ସାହୁ ସୂଚନା ଦେଇ କହିଛନ୍ତି ଯେ, ବାହାର ଅଞ୍ଚଳର ଶ୍ରମିକମାନେ ଆସି ଏଠାରେ ରହି କାର୍ଯ୍ୟ କରନ୍ତି। ସେମାନେ ପ୍ରାୟ ୭/୮ଜଣ ଗୋଟିଏ ଘରେ ରହୁଥିଲେ। ଶନିବାର ରାତିରେ ଉକ୍ତ ଘରୁ ୪ଟି ମୋବାଇଲ ଓ କିଛି ଟଙ୍କା ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଫାଣ୍ଡି ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

# ଡେପୁଟେଶନରେ ଡାକ୍ତର, ମିଳୁନି ସ୍ୱାସ୍ଥ୍ୟସେବା

### ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଧାମନଗର,୨୩।୧(ସ୍ୱ.ପ୍ର.)




ଭଦ୍ରକ ଜିଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା। ୧୧ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ମାତ୍ର ୪ଜଣ ଅଛନ୍ତି। ଶିଶୁ ବିଭାଗ ଓ ମେଡିସିନ ବିଭାଗରେ ଡାକ୍ତର ନ ଥିବାବେଳେ ୫ ମହିଳା ସ୍ୱାସ୍ଥ୍ୟକର୍ମୀ, ୯ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ୪ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ୬ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ, ୪ ସୁପରଭାଇଜର, ୪ ଫାର୍ମାସିଷ୍ଟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲିପଡ଼ିଛି। ସେହିପରି ଏଠାରେ ନିଯୁକ୍ତ ଅନ୍ୟ ଜଣେ ଡାକ୍ତର, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସିନିୟର ହେଲ୍‌ପର ବର୍ଷେରୁ ଊର୍ଦ୍ଧ୍ୱ ହେଲା ଡେପୁଟେଶନରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଅଛନ୍ତି।

୩୧ ପଞ୍ଚାୟତ ଅଧୀନ ୧୫୩ ଗ୍ରାମର ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ହସନାବାଦ, ଖଡ଼ିମାହାରା, ବେତାଳିଗାଁ ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ନ ଥିବାରୁ ରୋଗୀମନେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ହେଲେ ଏଠାରେ ମଧ୍ୟ ଏଭଳି ସମସ୍ୟା ଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନ୍ମଥ ସାମନ୍ତସିଂହାର କହିଛନ୍ତି, ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶରେ ସେମାନେ ଡେପୁଟେଶନରେ ଯାଇଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଚିଠି ମାଧ୍ୟମରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ।

## ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୁଣ୍ଟା,୨୩।୧(ଡି.ଏନ.ଏ.)

ଖୁଣ୍ଟା ଥାନା ଛକ ନିକଟରେ ସୋମବାର ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଖୁଣ୍ଟା ବ୍ଲକ ଅଧକ୍ଷ ସୁଧନ୍ୟା ନାୟକ, ପୂର୍ବତନ ଅଧକ୍ଷା ତଥା ବାଙ୍ଗରା ପଞ୍ଚାୟତର ସମିତି ସଭ୍ୟା ପୁଷ୍ପଲତା ମାରାଣ୍ଡି, ସାନଖୁଣ୍ଟା ପଞ୍ଚାୟତର ସରପଞ୍ଚ ସୁମୀ ହାଁସଦା, ସମିତି ସଭ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଜନଔଷଧି କେନ୍ଦ୍ର ମଧ୍ୟରେ ଅଞ୍ଚଳବାସୀ ୧୭୫୪ ପ୍ରକାରର ଡାକ୍ତରୀ ଔଷଧ ବଜାର ମୂଲ୍ୟଠାରୁ ୫୦ରୁ ୯୦ ପ୍ରତିଶତ କମ୍ ମୂଲ୍ୟରେ ପାଇ ପାରିବେ ବୋଲି ଅତିଥିମାନେ କହିଥିଲେ। ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳର ଲୋକ ପ୍ରତିନିଧିମାନେ ମଧ୍ୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମିନି ପଲ୍ଲିଶ୍ରୀ ମେଳା ଆରମ୍ଭ



ମଞ୍ଚରେ ଉପସ୍ଥିତ ଛାତ୍ରୀ ଓ ଅତିଥିମାନେ।

କେନ୍ଦୁଝର,୨୩।୧(ସ୍ୱ.ପ୍ର.)

### ହକି ବିଶ୍ୱକପ ଦେଖିବାକୁ ସିଧାପ୍ରସାରଣ ବ୍ୟବସ୍ଥା

କେନ୍ଦୁଝର ଜିଲା କାଳୀ ପଡ଼ିଆରେ ମିନି ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହା ଜାନୁୟାରୀ ୨୬ ପର୍ଯ୍ୟନ୍ତ ଚାଲିବ। ପଲ୍ଲିଶ୍ରୀ ମେଳା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ହକି ବିଶ୍ୱ କପ ପ୍ରଚାର ନିମନ୍ତେ ପ୍ରଶାସନ ପକ୍ଷରୁ ଏଭଳି ଆୟୋଜନ କରାଯାଇଥିବା ବେଳେ ଖେଳ ସିଧା ପ୍ରସାରଣ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଉତ୍ସବରେ ବିଶିଷ୍ଟ କଣ୍ଢେଇ ନାଚ ଗୁରୁ ମାଗୁଣି କୁଅଁର, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ପଦ୍ମଶ୍ରୀ ଦୈତାରୀ ନାଏକ, ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତିଙ୍କ ସମେତ ଜିଲାପାଳ ଆଶିଷ ଠାକ୍‌ରେ, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ରହି ମେଳାର ଶୁଭାରମ୍ଭ କରିଥିଲେ। ସୂଚନା ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକ ସଭା ପରିଚାଳନା କରିଥିଲେ। ବିଭିନ୍ନ ଗ୍ରୁପର ହସ୍ତ ଶିଳ୍ପ ଓ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶିତ ହେବା ସହ କିଣାବିକା ହେଉଛି।

## ୨ ମୃତଦେହ ଜବତ

ସାରସକଣା,୨୩।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ୨ମୃତଦେହ ଜବତ କରିଛି। ଏକଡାଳି ଗ୍ରାମର କାହ୍ନୁ ଚରଣ ସିଂ(୫୦) ନିକଟସ୍ଥ ବିଦ୍ୟାଳୟର କୂଅ ଭିତରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ସାରସକଣା ଅଗ୍ନିଶମ ବିଭାଗ ଓ ଝାରପୋଖରିଆ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୩) ରୁଜୁ ହୋଇଛି। ସେହିପରି ଜାଲଦା ଗ୍ରାମର ଯତୀନ୍ଦ୍ର ନାଥ କଲିଆ(୭୬) ଗ୍ରାମର ଏକ ପରିତ୍ୟକ୍ତ ଗଡ଼ିଆରେ ପଡ଼ି ମୃତ୍ୟୁବରଣ କରିଥିବା ତାଙ୍କ ଝିଅ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅପମୃତ୍ୟୁ ମାମଲା(ନଂ.୬/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ପ୍ରକାଶ କରିଛନ୍ତି।

## ଅରଡ଼ବଜାର ପ୍ରିମିୟର ଲିଗ୍: ପୁଷ୍ପା ରିଟର୍ନ ଚାମ୍ପିୟନ



ଉଦ୍‌ଯାପନୀ ଉତ୍ସବରେ ଅତିଥିଗଣ।

ବାଲେଶ୍ୱର ଅଫିସ, ୨୩।୧

ବାଲେଶ୍ୱର ପୌରାଞ୍ଚଳର ୩୧ନଂ. ୱାର୍ଡ଼ରେ ଆୟୋଜିତ 'ଅରଡ଼ବଜାର ପ୍ରିମିୟର ଲିଗ୍' ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ବିକ୍ରମ ପଣ୍ଡା, ସୁଜିତ ଦେବ, ଲକ୍ଷ୍ମୀନାରାୟଣ ମହାନ୍ତି, ମଇନୁଲ ଇସଲାମ, ଗଙ୍ଗାଧର ଜେନା, ସୂର୍ଯ୍ୟକାନ୍ତ କର, ୩୧ ନଂ. ୱାର୍ଡ଼ କାଉନ୍‌ସିଲର ରଞ୍ଜିତା ମହାପାତ୍ର, ମିନା ମହାନ୍ତି ଓ ସରୋଜ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ପୁଷ୍ପା ରିଟର୍ନ ଚାମ୍ପିୟନ ହୋଇଥିବା ବେଳେ ଦମନ ଫାଇଟର ରନର୍ସଅପ୍ ହୋଇଥିଲା। ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପରିତୋଷ ସାହା ଧନ୍ୟବାଦ ଦେଇଥିଲେ।

## କ୍ରାନ୍ତି କ୍ରିକେଟ ଆସୋସିଏଶନ ଫାଇନାଲରେ




କ୍ରାନ୍ତି କ୍ରିକେଟ ଟିମ୍‌ର ସୋନୁ ଚୌଧୁରୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଧାମନଗର,୨୩।୧(ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକର ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ୟାମା କ୍ଲବ ତିହିଡ଼ିକୁ ହରାଇ କ୍ରାନ୍ତି କ୍ରିକେଟ ଆସୋସିଏଶନ ଧାମନଗର ଫାଇନାଲରେ ପ୍ରବେଶ କରିଛି। ଶ୍ୟାମା କ୍ଲବ ଟସ୍ ଜିତି କ୍ରାନ୍ତି କ୍ରିକେଟ ଆସୋସିଏଶନକୁ ବ୍ୟାଟିଂ କରିବାକୁ ଦେଇଥିଲା। କ୍ରାନ୍ତି କ୍ରିକେଟ ଆସୋସିଏଶନ ୧୮ ଓଭରରେ ୯ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଶ୍ୟାମା କ୍ଲବ ୧୫.୧ ଓଭରରେ ୭୫ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ କ୍ରାନ୍ତି କ୍ରିକେଟ ଟିମ୍‌ର ସୋନୁ ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦେବବ୍ରତ ଦାସ ଓ ସୁଧାଂଶୁ ଶେଖର ଲେଙ୍କା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ପ୍ରଦୀପ ଆଦିଆ ଓ ସରୋଜ ସାହୁ ସ୍କୋରର ଥିବାବେଳେ ଭୋଳାନାଥ ସାହୁ, ଅରୁଣ ପୃଷ୍ଟି ଏବଂ ଟିପୋ ଅଲ୍ଲୀ ଖାଁ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଜାତୀୟ ସବ୍‌ଜୁନିୟର ଟେନିକଏଟ ପ୍ରତିଯୋଗିତା

## ଓଡ଼ିଶା ଟିମ୍‌ରେ ଭଦ୍ରକର ୩ ଖେଳାଳି

ଭଦ୍ରକ ଅଫିସ,୨୩।୧

ଆନ୍ଧ୍ରପ୍ରଦେଶର ଅଙ୍କାପଲୀଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ୩୫ତମ ଜାତୀୟସ୍ତରୀୟ ସବ୍‌ଜୁନିୟର ଟେନିକଏଟ ପ୍ରତିଯୋଗିତାରେ ଓଡ଼ିଶା ଟିମ୍‌ରେ ଭଦ୍ରକ ଜିଲାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଓଡ଼ିଶାରୁ ବାଳିକା ବାଳକ ମୋଟ ୧୨ଜଣ ଖେଳାଳି ସାମିଲ ହୋଇଥିବା ବେଳେ ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀର ୨ଜଣ ଛାତ୍ରୀ ଲକ୍ଷ୍ମୀପ୍ରିୟା ମୁଦୁଲି, ଖୁସି କୁମାରୀ ସାହାଣୀ ଓ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ପଞ୍ଚମ ଶ୍ରେଣୀର ପ୍ରତ୍ୟୁଷ ପ୍ରୀତମ ଦୀକ୍ଷିତ ଅଛନ୍ତି। ଏସ୍‌ବିଡି ସ୍କୁଲର ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ସାହୁ, ପ୍ରଜ୍ଞା ବଳ, ଦମୟନ୍ତୀ ନାଏକ, ପୂର୍ବତନ କ୍ରୀଡ଼ା ଶିକ୍ଷୟିତ୍ରୀ ଜୟମିନ ପରିଡ଼ା, ଭଦ୍ରକ ଜିଲା ଟେନିକଏଟ ସଂଘର ସଭାପତି ଗୋଲକ ନାୟକ, କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଏଫଏମ୍ ବିଶ୍ୱବିଦ୍ୟାଳୟରେ ଦୁଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର ଅଫିସ, ୨୩।୧




ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କର ଜୟନ୍ତୀ ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟ ଶିକ୍ଷକ, ଛାତ୍ରୀଛାତ୍ର, ଗବେଷକ ଓ କର୍ମଚାରୀବୃନ୍ଦ ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷରେ ସମବେତ ହୋଇ ଏହି ଦୁଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମୁଖ୍ୟଅତିଥି ଭାବେ ଇତିହାସ ଓ ପ୍ରତ୍ନତତ୍ତ୍ୱ ଗବେଷକ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ନେତାଜୀଙ୍କ ସଂଘର୍ଷ ଓ ନିର୍ଭୀକ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସ୍ୱାଧୀନତା ଥିଲା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ୱପ୍ନ। ଆଜାଦ୍ ହିନ୍ଦ ଫୌଜ ଗଠନ ବ୍ରିଟିଶ୍ ସରକାରଙ୍କ ପାଇଁ ଏକ ବଡ଼ ଚେତାବନୀ ଦେଇଥିଲେ। ଅନୁରୂପ ବୀର ସୁରେନ୍ଦ୍ର ସାଏ ମଧ୍ୟ ସମ୍ବଲପୁର ମାଟିରେ ଥାଇ ବ୍ରିଟିଶ୍ ସରକାରଙ୍କୁ ଯଥେଷ୍ଟ ବିଚଳିତ କରିଦେଇଥିବା ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ ଉଭୟ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ବଳିଦାନ ତଥା ଜନ୍ମଭୂମି ପ୍ରତି ଦାୟବଦ୍ଧତା କେବେ ବୃଥା ହେବାର ନୁହେଁ, କୋଟି କୋଟି ଭାରତୀୟଙ୍କ ଭାବନାରେ, ଚିନ୍ତାଚେତନାରେ ତାହା ଅଜସ୍ର ପ୍ରେରଣାର ଉତ୍ସ ହୋଇ ମାର୍ଗଦର୍ଶନ କରୁଥିବ ବୋଲି ମତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀ ରଜତ ଦଳେଇ ଓ ବବିତା ମଲ୍ଲିକ ଦୁଇ ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ଡ. ଦେବାଶିଷ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟାପିକା ତନରୁମ୍ ନିଶା ଧନ୍ୟବାଦ ଅର୍ପଣ କରିଥିଲେ।

## ସରିଲା କୁମ୍ଭୀରାହୁଡ଼ି ମକର ମେଳା

ଗୋପବନ୍ଧୁ ନଗର,୨୩।୧(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତର ପ୍ରସିଦ୍ଧ କୁମ୍ଭୀରାହୁଡ଼ି ମକର ମେଳା ଉଦ୍‌ଯାପିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତିରେ ଏହି ମେଳା ଆରମ୍ଭ ହୋଇ ୯ ଦିନ ପରେ ଉଦ୍‌ଯାପିତ ହୋଇଥାଏ। ୧୫ ଦେବାଦେବୀ ପାହାଡ଼ର ପାଦଦେଶରେ ପୂଜା ପାଇ ଆସୁଛନ୍ତି। ପର୍ବତ ଉପରେ ଏକ ଶୂନ୍ୟ ମନ୍ଦିର ଅଛି। ଏହି ମନ୍ଦିରକୁ ସଂକ୍ରାନ୍ତି ଦିନ ଘଟ ଉଠେ ଓ ୯ ଦିନ ଧରି ପୂଜା ପାଠ ହୁଏ। ସେବାନୀତି ପାଇଁ ଶଶିଧର ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସଂକୀର୍ତ୍ତନ ଦ୍ୱାରା ପାହାଡ଼ ଉପରୁ ଘଟ ତଳକୁ ଅଣାଯାଇ ବିସର୍ଜନ କରାଯାଇଛି। ପର୍ବତ ରାଜା ଓ ପ୍ରଭୁ ନୀଳକଣ୍ଠଙ୍କ ଉଦ୍ଦେଶ୍ୟରେ ଦୀର୍ଘ ୫୩ ବର୍ଷ ଧରି ଏହି ପୂଜା ହୋଇ ଆସୁଛି। ଚଳିତ ବର୍ଷ ମେଳା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

## ବାଲିସାହି କ୍ରିକେଟ ଫେଷ୍ଟିଭାଲ: ସୋର ନୂଆପୁର ଚାମ୍ପିୟନ

ଖଇରା, ୨୩।୧(ଡି.ଏନ.ଏ.)



ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଟୁର୍ନାମେଣ୍ଟର ଶୁଭାରମ୍ଭ କରୁଛନ୍ତି।

ବାଲେଶ୍ୱର ଜିଲା ଅଧୀନ ଖଇରା ବାଲିସାହିଠାରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ବାଲିସାହି ପଡିଆରେ ରାତ୍ରିକାଳୀନ ବାଲିସାହି କ୍ରିକେଟ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ବର୍ତ୍ତନା ଏକାଦଶ ଓ ସୋର ନୂଆପୁର ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସୋର ବ୍ୟାଟିଂ କରି ୮ ଓଭରରେ ୫ ଉଇକେଟ ବିନିମୟରେ ୬୪ରନ ସଂଗ୍ରହ କରିଥିଲା। ଜବାବରେ ବର୍ତ୍ତନା ସମସ୍ତ ଉଇକେଟ ହରାଇ ମାତ୍ର ୪୪ରନ କରି ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ଜଳଧର ସାହୁ ଓ ଶଶିଶେଖର ଦାସମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ସରପଞ୍ଚ ମାଳତୀ ସେଠୀ ଓ ସମିତିସଭ୍ୟ ନର୍ମଦା ଦେଓ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ପ୍ରାକ୍ତନ ସରପଞ୍ଚ ସୁଦର୍ଶନ ସେଠୀ ୨୦୨୩ ଚାମ୍ପିୟନ ଓ ରନର୍ସଅପ ଟିମକୁ ପୁରସ୍କୃତ କରିଥିଲେ।

### ମେଗା ଚାମ୍ପିୟନ କ୍ରିକେଟ ଟ୍ରଫି

## ଚାନ୍ଦିପୁର ବିକାଶ କ୍ଲବ ଚାମ୍ପିୟନ

ରୂପସା,୨୩।୧(ଡି.ଏନ.ଏ.)




ଅତିଥିଙ୍କ ଗହଣରେ ଟ୍ରଫି ସହ ଉଭୟ ଦଳର ଖେଳାଳି।

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୮ ତମ ବାର୍ଷିକ ଆନ୍ତଃଜିଲା ମେଗା ଚାମ୍ପିୟନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ସୋର ଆରଏନ ସ୍ପୋର୍ଟିଂ କ୍ଲବକୁ ୧ ଉଇକେଟରେ ପରାସ୍ତ କରି ଚାନ୍ଦିପୁର ବିକାଶ ମେମୋରିଆଲ କ୍ଲବ ଚାମ୍ପିୟନ ହୋଇଛି।

ପ୍ରଥମେ ସୋର ଆରଏନ ସ୍ପୋର୍ଟିଂକ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୧୮୦ ରନ କରିଥିଲା। ଜବାବରେ ବିକାଶ କ୍ଲବ ୨୩ ଓଭରରେ ୯ ଉଇକେଟ ବିନିମୟରେ ୧୮୪ ରନ କରି ଟାଇଟଲ ହାସଲ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ତାଜ ଖାନ ସର୍ବାଧିକ ୬୫ ରନ କରି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଆମ୍ପାୟର ସଞ୍ଜୟ କୁମାର ବେରା ଓ ଦିଲ୍ଲୀପ କୁମାର ବେରା ମ୍ୟାଚ ପରିଚାଳନା କରିଥିଲେ। ସଞ୍ଜୟ ମଣ୍ଡଳ ଓ ରାମଚନ୍ଦ୍ର ବେରା ସ୍କୋରିଂ ଦାୟିତ୍ୱରେ ଥିଲେ। ପ୍ରେମଚାନ୍ଦ ପରିଡ଼ା, ସଞ୍ଜୀବ ମଣ୍ଡଳ ଓ ସୁଶାନ୍ତ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ଲକ୍ଷ୍ମୀକାନ୍ତ ବେରା ସ୍ୱାଗତ ଭାଷଣ ଦେଇଥିଲେ। ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ସଭାପତି ବିକାଶ ଦାସଙ୍କ ପୌରାହିତ୍ୟରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ରାମନାରାୟଣ ଦ୍ୱିବେଦୀ ଓ ସମ୍ମାନିତ ଅତିଥି ପ୍ରାକ୍ତନ ସରପଞ୍ଚ ଗୟାପ୍ରସାଦ ଦାସ, ସଂଘର ପୂର୍ବତନ ସମ୍ପାଦକ ଗୋରାଚାନ୍ଦ ଜେନା, ମେରାଇନ ଥାନା ଓଆଇସି ସଚ୍ଚିଦାନନ୍ଦ ଗିରି, ସରପଞ୍ଚ ପ୍ରବୀର ସାହୁ, ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ, ସାମାଜିକ କର୍ମୀ ବିଜୟାନନ୍ଦ ସ୍ୱାଇଁ, ସମିତିସଭ୍ୟ ଗଣେଶ ଜେନା, ଶ୍ରୀକୃଷ୍ଣ ଗିରି, କ୍ରୀଡ଼ା ସମ୍ପାଦକ ବିବେକ ଦାସ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ନଗଦ ୧୦ ହଜାର ଓ ରନର୍ସ ଅପ ଟିମକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ଅବନ୍ତୀ ବେରା ଟୁର୍ଣ୍ଣାମେଣ୍ଟ ବିବରଣୀ ପାଠ କରିଥିଲେ।

## ସଂକ୍ଷେପରେ

### ଚିତା ପ୍ରଜାତିର ବିଲେଇ ଛୁଆ ମୃତ



ବାରିପଦା ଅଫିସ/ ଠାକୁରମୁଣ୍ଡା,୨୩।୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କରଞ୍ଜିଆ ଡିଭିଜନ ଅଧୀନ ଦୁଧିଆଣି ରେଞ୍ଜ ବରମୁଣ୍ଡା ସେକ୍ସନ ବୁଢ଼ିଗାଁ ବିଟ୍ ଅଞ୍ଚଳ ବନ୍ଧମୁଣ୍ଡା ସାହି ଜଙ୍ଗଲରୁ ଚିତା ପ୍ରଜାତିର ଏକ ବିଲେଇ ଛୁଆର ମୃତଦେହକୁ ବନବିଭାଗ ଜବତ କରିଛି। ଅତ୍ୟଧିକ ଶୀତ ଯୋଗୁ ଏହାର ମୃତ୍ୟୁ ହୋଇଥିବା ନେଇ ଅନୁମାନ କରାଯାଉଛି। ଏହି ବିଲେଇ ଛୁଆ ୧୫/୨୦ଦିନ ତଳେ ଜନ୍ମ ହୋଇଥିବା ବନ ବିଭାଗ ସୂଚନା ଦେଇଛି। କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

### ତାଲା ଭାଙ୍ଗି ୨ ଦୋକାନରୁ ଚୋରି

ପାଟଣା,୨୩।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଖୁଣ୍ଟାପଡ଼ା ହନୁମାନ ଛକରେ ଥିବା ୨ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏନେଇ ଉଭୟ ଦୋକାନୀ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ଦୁର୍ଯ୍ୟୋଧନ ସେଠୀଙ୍କ ଗ୍ରୋସରୀ ଦୋକାନରେ ଥିବା ଗ୍ରୋସରୀ ସାମଗ୍ରୀ ସହ ଇଲେକ୍ଟ୍ରିକାଲ ସାମଗ୍ରୀ ଓ ଗ୍ୟାସକୁ ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ଅନୁରୂପ ଭାବେ ଦୁର୍ଲଭ ସେଠୀଙ୍କ ସାଇକେଲ ଦୋକାନରୁ ଲକ୍ଷାଧିକ ଟଙ୍କାର ସାଇକେଲ ପାର୍ଟସ ଚୋରି ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ମଦନ ମୋହନ ନାୟକ କହିଛନ୍ତି।

### ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ ପରଲୋକ

ପାଟଣା,୨୩।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା



ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ମୁଖ୍ୟାଳୟର ପୂର୍ବତନ ଶିକ୍ଷାବିତ୍ ଶଙ୍କର୍ଷଣ ସାହୁ (୬୪)ଙ୍କ ପରଲୋକ ହୋଇଛି। ସେ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଜଣେ ପ୍ରତିଷ୍ଠାତା ସଦସ୍ୟ ସହ ଉକ୍ତ ମହାବିଦ୍ୟାଳୟରେ ଓଡ଼ିଆ ଅଧାପକ ଭାବେ କାର୍ଯ୍ୟ ଆରମ୍ଭ କରି ୨୦୧୯ରେ ଅଧକ୍ଷ ପଦବୀରୁ ଅବସର ଗ୍ରହଣ କରିଥିଲେ। ବିଧାୟକ ଜଗନ୍ନାଥ ନାଏକ, ବ୍ଲକ୍ ଅଧକ୍ଷା ଶୁକାନ୍ତି ନାଏକ, ପାଟଣା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଇଂ ବିଦ୍ୟାଧର ଦାଶ, ଅଧକ୍ଷ ବିରେନ୍ଦ୍ର ସାହୁ, ଅଧାପକ ଜୟନ୍ତ ଦ୍ୱିବେଦୀ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଆକାଶ ସାହୁ, ବଡ଼ଝିଅ ମେଘା ସାହୁ, ସାନଝିଅ ବର୍ଷା ସାହୁ ଓ ସ୍ତ୍ରୀ ଆଶାଲତା ସାହୁ ଉପସ୍ଥିତ ଥିଲେ। ପୁଅ ଆକାଶ ମୁଖାଗ୍ନି ଦେଇଥିଲେ।

# ଭାଜପାର ଦୋମୁହାଁ ନୀତିକୁ ନେଇ ଚର୍ଚ୍ଚା

**ସାମାଜିକକର୍ମୀ ନୈନା ସାହୁ ମୃତ୍ୟୁ ଘଟଣା**

କେନ୍ଦୁଝର,୨୩।୧(ସ୍ୱ.ପ୍ର.)

ସମାଜିକକର୍ମୀ ନୈନା ସାହୁ ମୃତ୍ୟୁ ଘଟଣା ଦିନକୁ ଦିନ ଭିନ୍ନମୋଡ଼ ନେଉଛି। ପ୍ରଥମେ ଦୁର୍ଘଟଣା ପରେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଏନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଦାବି କରିଥିଲେ। ଏବେ ଘଟଣାରେ ଭାଜପା ନେତା ପ୍ରକାଶ ମଲ୍ଲିକଙ୍କ ନାମ ଉଠିବା ବିବାଦକୁ ଅଧିକ ଘନିଭୂତ କରିଛି। ଏଥିସହ ଭାଜପା ଜଣଙ୍କୁ ନିଲମ୍ବନ କରିବା ଓ ଅନ୍ୟକୁ ଘଣ୍ଟ ଘୋଡ଼ାଇବା ନେଇ ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ସଦର ଥାନାରେ ଅଭିଯୋଗ ପରେ ଭାଜପା ଯୁବ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଅକ୍ଷୟ ମହାରଣାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ତେବେ ହତ୍ୟା ଭଳି ସଙ୍ଗୀନ ଅଭିଯୋଗରେ ଫସିଥିବା ପ୍ରକାଶଙ୍କ ପ୍ରତି ଭିନ୍ନ ଆଭିମୁଖ୍ୟକୁ ନେଇ ଦଳରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ରାଜ୍ୟ ସଭାପତିଙ୍କ ଅତି ଘନିଷ୍ଠ ଜଣେ ନେତାଙ୍କ ଅନୁଗତ ହୋଇଥିବାରୁ ଜିଲା ଭାଜପା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଚର୍ଚ୍ଚା ହେଉଛି। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ରାଜ୍ୟ ନେତୃତ୍ୱଙ୍କୁ ଜଣାଇ ଦିଆଯାଇଥିବା ଜିଲା ସଂଗଠନ କହୁଛି। ରାଜ୍ୟ ସଂଗଠନ ଏହାକୁ ହାଲୁକା ଭାବେ ଗ୍ରହଣ କରି ପଦକ୍ଷେପ ନେଉ ନ ଥିବାରୁ ଦଳର ପକ୍ଷପାତିତା ନୀତି ପଦାରେ ପଡ଼ିଛି। ଦଳର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେଉଥିବାବେଳେ ତାଙ୍କୁ ସୁରକ୍ଷା ଦିଆଯାଉଥିବା ଦଳୀୟ କର୍ମୀ ମହଲରେ ଆଲୋଚନା ହେଉଛି। ଏଥିସହ ନୈନା ସାହୁଙ୍କ ମୃତ୍ୟୁ ବାଇକ୍ ଦୁର୍ଘଟଣା ଯୋଗୁ ହୋଇଥିବା ନେଇ ପୋଲିସ ମାମଲା ରୁଜୁ କରି ହାଲୁକା ଭାବେ ନେଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ଦୁର୍ଘଟଣା ମାମଲା ଦର୍ଶାଇବା ପାଇଁ ପ୍ରମାଣ ଖୋଜି ପରୋକ୍ଷରେ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ମୃତ ନୈନାଙ୍କ ମା' ରେବତୀ ସାହୁ ଅଭିଯୋଗ କରିଛନ୍ତି। ଏଣୁ ଥାନାରେ ନ୍ୟାୟ ନ ମିଳିବାରୁ ନୈନାଙ୍କ ମାତା ପିତା ଜାନୁୟାରୀ ୧୨ରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ଏହାର ତଦନ୍ତ ପାଇଁ କ୍ରାଇମ୍ ଡିଏସ୍‌ପିଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ, ଉଭୟ ଭାଜପା ଓ ବିଜେଡି ନାରୀଙ୍କ ସମ୍ମାନର କଥା କହୁଥିବା ବେଳେ ନୈନାଙ୍କ ମୃତ୍ୟୁ ଘଟଣାରେ ଚୁପ୍ ବସିବା ଭିତିରି ସମ୍ପର୍କକୁ ନେଇ ଚର୍ଚ୍ଚା ଚାଲିଛି। ଏଣୁ ତୁରନ୍ତ ଏହାର ତଦନ୍ତ କରି ପୋଲିସ ସତ୍ୟ ପଦାକୁ ଆଣୁ ବୋଲି ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର କହିଛନ୍ତି।

# ମକର ମହାମିଳନ ଉତ୍ସବ



ଲୋକନୃତ୍ୟ କଳାକାରଙ୍କ ସହ ଅଫିସର।

ବାରିପଦା ଅଫିସ,୨୩।୧

ରାଷ୍ଟ୍ରାୟତ ବ୍ୟାଙ୍କ ଅଫ ଇଣ୍ଡିଆ ଅଫିସର ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଶହୀଦ ସ୍ମୃତି ଭବନ ପରିସରରେ ମକର ମହାମିଳନ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ବ୍ୟାଙ୍କ ସମୂହ ଓଡ଼ିଶାର ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ଯୋଗଦେଇ ମୟୂରଭଞ୍ଜ ଜିଲାର ଗଣପର୍ବ ମକର ପର୍ବର ଗୁରୁତ୍ୱ ଏବଂ ଜିଲାର କୋଣ ଅନୁକୋଣରେ ଉନ୍ନତ ମାନର ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ବ୍ୟାଙ୍କ ଅଫ ଇଣ୍ଡିଆ ବାରିପଦା ଶାଖା ପ୍ରବନ୍ଧକଙ୍କୁ ନେଇ ଏକ ସମୀକ୍ଷା ବୈଠକରେ ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର ଶିଳ୍ପଗୁଡ଼ିକର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଫିସର ଆସୋସିଏସନ ଓଡ଼ିଶା ୟୁନିଟର ସଭାପତି ସ୍ମୃତି ରଞ୍ଜନ ସାହୁ, ସାଧାରଣ ସମ୍ପାଦକ କମଲଜିତ ମହାପାତ୍ର, ବାରିପଦା ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ ଏବଂ ଉପ ଆଞ୍ଚଳିକ ପ୍ରବନ୍ଧକ ସତ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଅଫିସର ପରିବାର ଯୋଗଦେଇଥିଲେ। ଆସୋସିଏସନର ଅତିରିକ୍ତ ସାଧାରଣ ସମ୍ପାଦକ ଭବାନୀ ଶଙ୍କର ସାମଲ, ରଜନୀକାନ୍ତ ଦଳାଇ, ଶରତ ମିଶ୍ର, ତାରସ ସୋରେନ, ସ୍ୱରୁପ ସାହୁ, ମାନସ ରଞ୍ଜନ ବେହେରା, ପ୍ରମୋଦ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ସସ୍ମିତା ଭୂୟାଁ ଓ ଦେବାଶିଷ ଦାସ ମଞ୍ଚ ପରିଚାଳନା କରିଥିଲେ ।

## ପ୍ରମାଣ ନଷ୍ଟ ଅଭିଯୋଗରେ ସ୍ୱାମୀ ଗିରଫ

**ବଳାତ୍କାର ଉଦ୍ୟମକାରୀଙ୍କୁ ହତ୍ୟା ଘଟଣା**

ବାରିପଦା ଅଫିସ,୨୩।୧

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଗୁଞ୍ଜୁସାହି ଅଞ୍ଚଳରେ ବଳାତ୍କାର ଉଦ୍ୟମକରୀଙ୍କୁ ପୀଡ଼ିତା କୋଦାଳରେ ପିଟି ହତ୍ୟା କରିବାପରେ ପ୍ରମାଣ ନଷ୍ଟ ସକାଶେ ସହଯୋଗ କରିଥିବା ଅଭିଯୁକ୍ତଙ୍କ ସ୍ୱାମୀଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଭଞ୍ଜ ମୁର୍ମୁ(୪୫)। ଗତ ୧୫ତାରିଖ ରାତିରେ ମଙ୍ଗଲ ମୁର୍ମୁ ନାମକ ଜଣେ ବ୍ୟକ୍ତି ନିଶାଶକ୍ତ ଅବସ୍ଥାରେ କୁନି ମୁର୍ମୁଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ଏଥିରେ କୁନି ଉତ୍ତ୍ୟକ୍ତ ହୋଇ ଏକ କୋଦାଳରେ ମଙ୍ଗଲଙ୍କୁ ପ୍ରହାର କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ କୁନି ଓ ତାଙ୍କ ସ୍ୱାମୀ ଭଞ୍ଜ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ନିକଟସ୍ଥ ଜଙ୍ଗଲରେ ମୃତଦେହ ଫିଙ୍ଗି ଦେଇଥିଲେ। ହତ୍ୟାକାଣ୍ଡର ୭ଦିନ ପରେ ପୋଲିସ ଗଳିତ ଶବ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲା ।

## ୯ ବାଳକଙ୍କ ବ୍ରତୋପନୟନ

ସିମୁଳିଆ, ୨୩।୧(ଡି.ଏନ.ଏ.)

ସିମୁଳିଆ ବ୍ଲକ ମାର୍କୋଣାର ଶ୍ରୀ ଅନ୍ନପୂର୍ଣ୍ଣା ନୀଳକଣ୍ଠେଶ୍ୱର ମନ୍ଦିର ମଣ୍ଡପରେ ୯ଜଣ ବ୍ରାହ୍ମଣ ବାଳକଙ୍କ ଗଣବ୍ରତ ଉପନୟନ କାର୍ଯ୍ୟ ଶେଷ କରାଯାଇଛି। ଦିବସବ୍ୟାପୀ ବିଭିନ୍ନ କର୍ମକାଣ୍ଡ, ବିଧି ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ୬ଜଣ ପଣ୍ଡିତ ଏହି ଉତ୍ସବରେ ଯୋଗଦେଇଥିଲେ। ମୁଖ୍ୟପଣ୍ଡିତ ରୂପେ ଦୟାନିଧି ପତ୍ରୀ, ବିଜୟ କୁମାର ଦାଶ, ନଟବର ଦାଶ, ଗଗନ ପଣ୍ଡା, ପର୍ଶୁରାମ ପଣ୍ଡା, ଦୂର୍ଯ୍ୟୋଧନ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଚୂଡ଼ାକରଣ, ପୁଂଶୋଜନ, ପୂର୍ଣ୍ଣ ଦଶ କର୍ମ, ଅନ୍ନପ୍ରସନ୍ନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବ୍ରହ୍ମଚାରୀମାନେ ବଜାର ପରିକ୍ରମା କରିଥିଲେ। ମାର୍କୋଣା ଛକର ବ୍ୟବସାୟୀ ପ୍ରଭାକର ସାହୁ ଓ ରମାକାନ୍ତ ବେହେରା ମୁଖ୍ୟ ଉଦ୍ୟୋକ୍ତା ଥିବାବେଳେ ବିଭିନ୍ନ ବ୍ୟବସାୟୀମାନେ ଏହି ଉତ୍ସବର ସହଯୋଗୀ ଥିଲେ।

# ମିଶନଶକ୍ତି ଗୃହ ଉଦ୍‌ଘାଟନ ନେଇ ବିଜେଡି-କଂଗ୍ରେସ ମୁହାଁମୁହିଁ

ଲଙ୍ଗଳେଶ୍ୱର, ୨୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବାଲିକୁଟି ପଞ୍ଚାୟତରେ ମିଶନଶକ୍ତି ଗୃହ ଉଦ୍‌ଘାଟନକୁ ନେଇ ବିଜେଡି ଓ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ସୋମବାର ମିଶନଶକ୍ତି ଗୃହ ଉଦ୍‌ଘାଟନ ହୋଇଥିଲା ବେଳେ ଉଦ୍‌ଘାଟକ ଭାବେ ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ ଯୋଗଦେଇ ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏହାର ଶିଳାନ୍ୟାସ କରିଥିଲେ। ଉଦ୍‌ଘାଟନୀ ଫଳକରେ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ନାମ ନ ଥିଲା କି ତାଙ୍କୁ ନିମନ୍ତ୍ରଣ ମଧ୍ୟ କରାଯାଇ ନ ଥିଲା। ଯାହାକୁ କେନ୍ଦ୍ର କରି ପଞ୍ଚାୟତର ବିଜେଡି ଯୁବନେତା ରାମକୃଷ୍ଣ ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି ପର୍ଶୁରାମ ଚନ୍ଦ୍ରଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଓ ବିଜେଡି କର୍ମୀ ଆସି ହଟ୍ଟଗୋଳ କରିଥିଲେ। ୨୦୨୧ ଅକ୍ଟୋବର ୨ତାରିଖରେ ମିଶନଶକ୍ତି ଗୃହର ଶିଳାନ୍ୟାସ ବିଧାୟକଙ୍କ ଦ୍ୱାରା ହୋଇଥିଲା ଏବଂ ଶିଳାନ୍ୟାସ ଫଳକରେ ତାଙ୍କ ନାମ ରହିଥିଲା। ମାତ୍ର ଏବେ ଉଦ୍‌ଘାଟନୀ ଫଳକରେ ବିଧାୟକ ସାହୁଙ୍କ ନାମ ନାହିଁ କି ତାଙ୍କୁ କାହିଁକି ନିମନ୍ତ୍ରଣ କରାଯାଇନାହିଁ ବୋଲି ବିଜେଡି କର୍ମୀ ଏବଂ ଗ୍ରାମବାସୀ ପ୍ରଶ୍ନ କରିବାରୁ ସରପଞ୍ଚ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଉଦ୍‌ଘାଟନୀ ଫଳକରେ ସରପଞ୍ଚ ଯଶୋଦାମଣି ଧଳ, ସଦସ୍ୟା ସୁଚିସ୍ମିତା ଦେ, ବାଲିଆପାଳ ବିଡିଓ ବିନୋଦ କୁମାର ପଣ୍ଡା, ତହସିଲଦାର ଦୀପକ କୁମାର ଦାସ ଓ ଶୁଭଚିନ୍ତକ ଭାବେ ରାଜେନ୍ଦ୍ର ଧଳଙ୍କ ନାମ ରହିଛି ହେଲେ କାହିଁକି ବିଧାୟକଙ୍କ ନାମ ରହିଲା ନାହିଁ ବୋଲି ପ୍ରଶ୍ନ କରିବାରୁ କିଛି ସମୟ ପାଇଁ ଚାପା ଉତ୍ତେଜନା ସହିତ ହଟ୍ଟଗୋଳ ଲାଗି ରହିଥିଲା। ମିଶନଶକ୍ତି ସଭାପତି ଓ ସମ୍ପାଦକ ଆସି ପୁଣି ବିଧାୟକଙ୍କୁ ଡାକି ଶୁଭ ଉଦ୍‌ଘାଟନ କରାଯିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବିଡିଓ କିମ୍ବା ତହସିଲଦାର ଅନୁପସ୍ଥିତି ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



@ପ୍ରକାଶ



@ରହମତ



@ବସନ୍ତ



@ଚିରସ୍ମିତା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ସତ୍‌ମାର୍ଗରେ ଚାଲିବା ପାଇଁ ଗୁରୁ ଆବଶ୍ୟକ




ଠାକୁରଙ୍କ ୧୩୫ତମ ଆର୍ବିଭାବ ଦିବସ ଅବସରରେ ମଞ୍ଚାସୀନ ଅତିଥିଗଣ।

ଜଳେଶ୍ୱର, ୨୩।୧(ଡି.ଏନ.ଏ.)

ସତମାର୍ଗରେ ପରିଚାଳିତ ହେବା ଲାଗି ଆଧ୍ୟାତ୍ମିକ ଜ୍ଞାନ ଜରୁରୀ ହୋଇପଡ଼େ। ଆଉ ଏଥିଲାଗି ସଦ୍‌ଗୁରୁଙ୍କ ଆବଶ୍ୟକତା ଅଧିକ ବୋଲି ସୋମବାର ଜଳେଶ୍ୱରର ସତ୍‌ସଙ୍ଗ ବିହାରରେ ଆୟୋଜିତ ଶ୍ରୀଶ୍ରୀଅନୁକୁଳଚନ୍ଦ୍ରଙ୍କ ୧୩୫୨ତମ ଆବିର୍ଭାବ ଦିବସ, ଜଳେଶ୍ୱର ମନ୍ଦିର ପ୍ରତିଷ୍ଠାର ୧୪ତମ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ସତ୍‌ସଙ୍ଗ ଦେଓଘରର ସହ ସମ୍ପାଦକ ଡା. ବିନାୟକ ମହାପାତ୍ର ଅଧ୍ୟକ୍ଷତା କରି ଧାର୍ମିକ ଶୋଭାଯାତ୍ରାରେ ସମାଜରେ ମଙ୍ଗଳ ହେବା ସହିତ ସଚେତନତା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଉଦ୍‌ଘାଟକ ଭାବେ ଡ. ବିଜୟ କୁମାର ନାୟକ, ମୁଖ୍ୟଅତିଥି ଦିପାନନ୍ଦ ପ୍ରଧାନଯୋଗଦେଇ ଜୀବନର ଗତିପଥରେ ବହୁ ସମସ୍ୟା ଆସୁଥିଲେ ମଧ ଆଧ୍ୟାତ୍ମିକ ଜ୍ଞାନ ଓ ସାଧନା ସହିତ ସଦ୍‌ଗୁରୁଙ୍କ ଆଶୀର୍ବାଦ ଏଥିରେ ଅଗ୍ରସର ହେବାକୁ ଶକ୍ତି ଯୋଗାଇଥାଏ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଦେଓଘରର ଶ୍ରୀଧର ସୁନ୍ଦର ମିଶ୍ର, ଦୀଘାର ଦିଲୀପ କୁମାର ପ୍ରଧାନ ଯୋଗଦେଇଥିଲେ । ସତ୍‌ସଙ୍ଗ ବିହାରର ମୁଖ୍ୟ କେଦାରନାଥ ମହାନ୍ତି ପ୍ରାରମ୍ଭିକ ଉଦ୍‌ବୋଧନ ଓ ଧନ୍ୟବାଦ ଦେଇ ଜଳେଶ୍ୱରରେ ମନ୍ଦିର ପ୍ରତିଷ୍ଠା ପରେ ୧୪ବର୍ଷ ଧରି ସମଗ୍ର ଉତ୍ତର ବାଲେଶ୍ୱର ଓ ଦକ୍ଷିଣ ମେଦିନୀପୁର ଜିଲା ଆଧ୍ୟାତ୍ମିକ ବାତାବରଣ ଆଣିବାରେ ସକ୍ଷମ ହୋଇଛି ବୋଲି କହିଥିଲେ।

# ଭଞ୍ଜସେନାର ପ୍ରତିଷ୍ଠା ଦିବସ

ବାରିପଦା ଅଫିସ,୨୩।୧

ମୟୂରଭଞ୍ଜ ଜିଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନାର ୨୫ତମ ପ୍ରତିଷ୍ଠା ଦିବସ ସୋମବାର ବାରିପଦାସ୍ଥିତ ଛଉ ପଡ଼ିଆରେ ପାଳିତ ହୋଇଯାଇଛି । ସଂଗ୍ରାମୀ ଯୁବ ନେତୃତ୍ୱକୁ ନେଇ ଜିଲାର ବିକାଶ ଦିଗରେ ସଂଗ୍ରାମ ଜାରି ରଖିଥିବା ହଜାର ହଜାର ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ଏଥିରେ ସାମିଲ ହୋଇଥିଲେ। ଜିଲାର ପାରମ୍ପରିକ ଆଦିବାସୀ ନୃତ୍ୟ ଓ ଝୁମର ଗୀତ ନାଚରେ ସହର କମ୍ପି ଉଠିଥିଲା। ଜିଲା ଓବିସି ଶାଖାର ସଭାପତି ରାକେଶ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତି, ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ସତ୍ୟସ୍ୱରୂପ ଦାସ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ମହମ୍ମଦ ଅଲ୍ଲୀଖାନ, ଜିତେନ୍ଦ୍ର ହେମ୍ବ୍ରମଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ରହି ଜିଲାର ବିକାଶ ଧାରା ପାଇଁ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଉପସ୍ଥିତ ରହି ମୟୂରଭଞ୍ଜ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ରମାଗତ ଅବହେଳା ସମ୍ପର୍କରେ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଅଖଣ୍ଡ ମୟୂରଭଞ୍ଜ ଓ ସବୁଜିମା ଶିମିଳିପାଳର ମାନ୍ୟତା ବଜାୟ ରଖିବା ନେଇ ସମଗ୍ର ଜିଲାରେ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଇଛନ୍ତି । ସେହିପରି ଆଗାମୀ ଶିକ୍ଷା ବର୍ଷରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ମେଧାବୀ ଛାତ୍ରୀଛାତ୍ରଙ୍କୁ ଭଞ୍ଜସେନା ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଘୋଷଣା କରାଯାଇଥିବା ଏକ ପ୍ରେସ ବିବୃତିରେ ମୁଖପାତ୍ର ମାନସ ବେହେରା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲାଲ ବାହାଦୂର ମହାନ୍ତି, ଚନ୍ଦନା ଦାସ, ବାଜୁନ ହାଁସଦା, କନିକା ବୋଷ, ସାମନ୍ତ ଶେଖର ପାଲ, ସୌମ୍ୟ ରଞ୍ଜନ ମିଶ୍ର, ପ୍ରୀତମ ପଣ୍ଡା, ମାନସ ବେହେରା, ଏସ.କେ. ରାଜାଖାନ, ଜ୍ୟୋତି ରଞ୍ଜନ ପୃଷ୍ଟି, ରମଜାନ ବେଗ, ରବିନ ମହାନ୍ତ, ଦକ୍ଷିଣା ମହାନ୍ତ ପ୍ରମୁଖ ଉପସ୍ଥିତଥିଲେ।




ପ୍ରତିଷ୍ଠା ଦିବସରେ ସମବେତ ଭଞ୍ଜସେନାର କର୍ମକର୍ତ୍ତା।

# ଅମ୍ବିକା ପ୍ରଥମ, ପରିତ ଦ୍ୱିତୀୟ, ମନ୍ମୟ ତୃତୀୟ




ମଞ୍ଚରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**'ଏକ୍‌ଜାମ ୱାରିୟର୍ସ ଚିତ୍ରାଙ୍କନ ପ୍ରତିଯୋଗିତା'**

ବାଲେଶ୍ୱର ଅଫିସ, ୨୩।୧

ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ପବ୍ଲିକ ସରକାରୀ ହାଇସ୍କୁଲ ପରିସରରେ ସୋମବାର 'ଏକ୍‌ଜାମ ୱାରିୟର୍ସ ଚିତ୍ରାଙ୍କନ ପ୍ରତିଯୋଗିତା' ଆୟୋଜିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସଂସଦୀୟ କ୍ଷେତ୍ରରୁ ୧୫୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ରେମୁଣା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଅମ୍ବିକା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ସ୍ଥାନରେ ସନ୍ତରାଗଡ଼ିଆ ନୋଡାଲ ହାଇସ୍କୁଲ ଛାତ୍ର ପରିତ କୁମାର ଗିରି, ତୃତୀୟ ସ୍ଥାନରେ ଏମପିସି ବାରିପଦା କଲେଜ ଛାତ୍ର ମନ୍ମୟ ସେଠୀ ବିବେଚିତ ହୋଇଛନ୍ତି। ଏଥିସହିତ ଶ୍ରେଷ୍ଠ ୨୫ଜଣ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ମେଡାଲ ଓ ପ୍ରମାଣପତ୍ର ସହିତ ଚମ୍ପା ଫୁଲ ଚାରା ପୁରସ୍କାର ସ୍ୱରୂପ ବଣ୍ଟନ କରାଯାଇଥିଲା। ଏମ୍‌ପି ଷଡ଼ଙ୍ଗୀଙ୍କ ଦ୍ୱାରା କର୍ମଶାଳା ଉଦ୍‌ଘାଟିତ ହେବା ପରେ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ପରୀକ୍ଷା ପେ' ଚର୍ଚ୍ଚା ଚିତ୍ରାଙ୍କନ ପ୍ରତିଯୋଗିତା ସମିତି ମଣ୍ଡଳୀର ମୁଖ୍ୟ ସଂଯୋଜକ ପ୍ରଫେସର କମଳାକାନ୍ତ ଆଚାର୍ଯ୍ୟ ଓ ଜିଲା ସଂଯୋଜକ ଇଂ ତ୍ରିଭୁବନ ଦାସ ସଭା ପରିଚାଳନା କରିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଥିବାରୁ ଏହାକୁ ମଧ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଥିଲା। ପରୀକ୍ଷା ପେ' ଚର୍ଚ୍ଚା ଚିତ୍ରାଙ୍କନ ପ୍ରତିଯୋଗିତା ସମିତି ମଣ୍ଡଳୀର ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ହାଇସ୍କୁଲ ପ୍ରଧାନଶିକ୍ଷକ, ସ୍କୁଲ ପରିଚାଳନା ସମିତି, 'ମୁଁ ତୁମର ସାଥୀ' ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତା କରିଥିବାରୁ ସମିତି ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।

# ଅସୁରାଳିରେ ରଟନ୍ତିକାଳୀ ପୂଜା

ଭଦ୍ରକ ଅଫିସ, ୨୩।୧

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଅସୁରାଳିଠାରେ ରଟନ୍ତିକାଳୀ ପୂଜା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଅର୍ଦ୍ଧରାତ୍ରରୁ କଳସ ଯାତ୍ରା କରାଯାଇ ଘଟ ସ୍ଥାପନ ହୋଇଥିଲା। ହୋମ ଯଜ୍ଞ, ଚଣ୍ଡିପାଠ କରାଯାଇ ପୂଜା ଆରମ୍ଭ କରାଯାଇଥିଲା। ୧୨ଦିନ ଧରି ପୂଜା ଚାଲିବାକୁ ଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ଅପେରା ସହ ମୀନାବଜାର ପଡ଼ିଛି। ଜିଲା ଓ ଜିଲା ବାହାରୁ ବହୁ ବ୍ୟବସାୟୀ ଦୋକାନ ପକାଇଥିବା ବେଳେ ବିଭିନ୍ନ ପ୍ରକାର ଦୋଳିର ମଜା ନେଉଛନ୍ତି ଦର୍ଶକ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ଅସୁରାଳି ବଜାର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୂଜା କମିଟି ସଭାପତି ଡା. ସଦାଶିବ ଦାସ, ସମ୍ପାଦକ ଅଜୟ ସ୍ୱାଇଁ, ସହସମ୍ପାଦକ ଅମୂଲ୍ୟ



ବେହେରା, ଉପଦେଷ୍ଟା ଅଙ୍କୁର କବି, ନାରାୟଣ ସାହୁ, ହେମେନ୍ଦ୍ର ସାହୁ, ସାରଦା ପ୍ରସନ୍ନ ସାହୁ, ସାମାଜିକ କର୍ମୀ ସୂରଜ ସାହୁ, ରଘୁନାଥ ଦାସ, ଅରବିନ୍ଦ ନାୟକ, ଶିକ୍ଷାବିତ୍ ଅମରେନ୍ଦ୍ର ନାୟକ, ଦେବେନ୍ଦ୍ର ଖଟୁଆ, ପୀତାମ୍ବର ରାଉତ, କାହ୍ନୁ ଚରଣମ୨ ରାଉତ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

